# **ହସ୍ତଶିଳ୍ପରେ ତାଲିମ ପାଇଁ ବିଜ୍ଞାପନ**

ଚଳିତ ଆର୍ଥିକ ବର୍ଷ (୨୦୨୩-୨୪) ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକରୁଥିବା ନିମ୍ନଲିଖିତ ହସ୍ତଶିଳ୍ପ ତାଲିମକେନ୍ଦ୍ର / ବିଦ୍ୟାଳୟ ଗୁଡ଼ିକରେ ଛାତ୍ର / ଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ /ପ୍ରାର୍ଥୀନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ କରିବାର ଶେଷ ତାରିଖ **୧୮.୦୮.୨୦୨୩.**

| କ୍ର ସଂ | ହସ୍ତଶିଳ୍ପ ବିଦ୍ୟାଳୟ/ ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|
| ୧. | ଅନୁଆପଦାହସ୍ତଶିଳ୍ପ ବିଦ୍ୟାଳୟ, ସା-ଅନୁଆପଦା, ପୋ-ଡେରାବିଶ୍, ଜି-କେନ୍ଦ୍ରାପଡ଼ା, | କାଇଁଚ ଶିଳ୍ପ | ୨୦ | ୧ ବର୍ଷ |
| ୨. | ରାଜନଗର ହସ୍ତଶିଳ୍ପ ବିଦ୍ୟାଳୟ, ସା-ରାଜନଗର, ପୋ-ଚକଡ଼ା, ଭାୟା-ଆଠଗଡ, ଜି-କଟକ୍ | ବେତ ବାଉଁଶ | ୨୦ | ୧ ବର୍ଷ |
| ୩. | ଘାସିପୁଟ ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-ଘାସିପୁଟ, ଜି-କଟକ | ବେତ ବାଉଁଶ | ୧୨ | ୧ ବର୍ଷ |
| ୪. | ଅବଦଲପୁର ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-ଅବଦଲପୁର,ଜି-ଜଗତସିଂହପୁର | ବେତ ବାଉଁଶ | ୧୨ | ୧ ବର୍ଷ |
| ୫. | ସାନ୍ଧାପାଶିପାଟଣା ହସ୍ତଶିଳ୍ପ ବିଦ୍ୟାଳୟ, ସା-ସାନ୍ଧାପାଶିପାଟଣା, ପୋ-ଗନ୍ଧିଆ,ଜି-ଢେଙ୍କାନାଳ | ବେତ ବାଉଁଶ | ୧୨ | ୧ ବର୍ଷ |
| ୬. | କୃଷ୍ଣ ଚନ୍ଦ୍ରପୁର ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-କୃଷ୍ଣଚନ୍ଦ୍ରପୁର, ଜି-ମୟୁରଭଞ୍ଜ | ସବାଇ ଘାସ | ୧୦ | ୧ ବର୍ଷ |
| ୭. | ଆର୍ଙ୍ଗସିଙ୍ଗି ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-ଆର୍ଙ୍ଗସିଙ୍ଗି, ଜି-ନୟାଗଡ଼ | ବେତ ବାଉଁଶ | ୧୦ | ୧ ବର୍ଷ |
| ୮. | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମକେନ୍ଦ୍ର, ସା-ବଉଳଗାଡ଼ିଆ, ପୋ-ଇଶ୍ୱରପୁର, ଜି-ବାଲେଶ୍ୱର | ପଥର ଖୋଦେଇ | ୨୦ | ୧ ବର୍ଷ |
| ୯. | ପୁରୀ ହସ୍ତଶିଳ୍ପ ତାଲିମକେନ୍ଦ୍ର, ନିଳାଚଳ ହାଟ, ସା/ପୋ-ପୁରୀ, ଜି-ପୁରୀ | ଶଙ୍ଖ ଶାମୁକା | ୧୦ | ୧ ବର୍ଷ |

ତାଲିମ ସମୟରେ ପ୍ରାର୍ଥୀ /ପ୍ରାର୍ଥୀନୀ ମାନଙ୍କୁ ମାସିକ ଟ.୧୦୦୦.୦୦ ବୃତ୍ତି ପ୍ରଦାନ କରାଯିବ ।

**ଆବେଦନ ନିମନ୍ତେ ଯୋଗ୍ୟତା**

ବୟସ- ୧୪ ବର୍ଷରୁ ୪୦ ବର୍ଷ (ତଫସିଲଭୁକ୍ତ ଜାତି/ ଜନଜାତି/ ଶାରିରୀକ ଭିନ୍ନକ୍ଷମ / ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସସୀମା ୩ ବର୍ଷ କୋହଳ କରାଯିବ ।

ଶିକ୍ଷାଗତଯୋଗ୍ୟତା – ୮ମ ପାଶ୍ ଓ ତଦୁର୍ଦ୍ଧ ।

ସ୍ଥାନ ସଂରକ୍ଷଣ ବ୍ୟବସ୍ଥା - ତଫସିଲଭୁକ୍ତ ଜାତି / ଜନଜାତି / ଶାରିରୀକ ଭିନ୍ନକ୍ଷମ / ସଂଖ୍ୟାଲଘୁ ସମ୍ପ୍ରଦାୟ / ମହିଳା ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି ।

ଆଗ୍ରହୀ ପ୍ରାର୍ଥୀ /ପ୍ରାର୍ଥୀନୀ ସାଧାକାଗଜରେ ନାମ, ପିତାଙ୍କ ନାମ, ଠିକଣା, ବୟସ, ଶିକ୍ଷାଗତ ଯୋଗ୍ୟତା, ଜାତି, ବର୍ଗ ଏବଂ ହସ୍ତଶିଳ୍ପ ତାଲିମକେନ୍ଦ୍ରର ନାମ ଉଲ୍ଲେଖ କରି ସମସ୍ତ ପ୍ରମାଣ ପତ୍ରର ନକଲ ସହ ସମ୍ପୃକ୍ତ ଜିଲ୍ଲାର **ଉପ ନିର୍ଦ୍ଦେଶକ / ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)** ଙ୍କ **କାର୍ଯ୍ୟାଳୟ**ରେ ଆବେଦନ କରିପାରିବେ । ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ **ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ବ୍ଲକ୍ ହସ୍ତଶିଳ୍ପବିକାଶ ଅଧିକାରୀ / ତାଲିମକେନ୍ଦ୍ର / ବିଦ୍ୟାଳୟ ଉପଦେଷ୍ଟାଙ୍କ** ସହ ଯୋଗାଯୋଗ କରିବାକୁ ଅନୁରୋଧ ।

**ନିର୍ଦ୍ଦେଶିକା**
**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା,**
**ଭୁବନେଶ୍ୱର**